୬ କ୍ୱିଣ୍ଟାଲ ୧୫ କେଜି ଗଞ୍ଜେଇ ସହ ପିକ ଅପ୍ ଭ୍ୟାନ ଜବତ, ଅଭିଯୁକ୍ତ ଫେରାର

ସୁବର୍ଣ୍ଣପୁର, ୦୨/୦୭(ଶ୍ରୁ.ମି.) : ଗତକାଲି ସୁବର୍ଣ୍ଣପୁର ଜିଲ୍ଲା ତରଭା ପୁଲିସ ଗଂଜେଇ ଚୋରାଚାଲାଣ ହେଉଥିବା ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ୬ କ୍ୱିଣ୍ଟାଲ ୧୫ କେଜି ଗଂଜେଇ ଜବତ କରିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଏକ ପିକ୍‌ଅପ୍ ଭ୍ୟାନ୍ ନକଲି ନମ୍ବର (ଓଡି ୩୧ଜି -୨୮୪୩) ଗଞ୍ଜେଇ ନେଇ କନ୍ଧମାଳ ପଟୁ ତରଭା ଆଡ଼କୁ ଆସୁଥିବା ଖବର ପାଇ ଏସ୍ପି ନାରାୟଣ ନାୟକ ତରଭା ପୋଲିସ କୁ ଖବର କରିଥିଲେ । ପରେ ତରଭା ଆଇଆଇସିଙ୍କ ନେତୃତ୍ୱରେ ଏକ ଟିମ୍‌ରେ ଏଏସଆଇ ରବିନ୍ଦ୍ର ସାହୁ ଏବଂ ଅନ୍ୟ ଅଧିକାରୀ ମାନେ ଗାଡି ଉପରେ ସତର୍କ ନଜର ରଖିଥିଲେ । ବୌଦ୍ଧ ଜିଲ୍ଲା କନ୍ଧମାଳ ପଟରୁ ଦୃତ ଗତିରେ ଆସୁଥିବା ଗାଡ଼ି କୁ ପୋଲିସ ଟିମ୍ କୌଶଳ କ୍ରମେ ଅଟକାଇବା ବେଳେ ଭ୍ୟାନ୍ ଚାଳକ ଜାଣିପାରି ଗାଡ଼ିକୁ ଅଟକାଇ ଫେରାର ହୋଇଯାଇଥିଲା । ପରେ ଯାଞ୍ଚ ସମୟରେ ପିକ୍‌ଅପ୍ ଭ୍ୟାନ୍‌ରୁ ୨୫ଟି ବସ୍ତାରେ ଭର୍ତ୍ତି ହୋଇଥିବା ୬୦୮ ପ୍ୟାକେଟ ଗଞ୍ଜେଇ ବାହାରିଥିଲା । ଉକ୍ତ ଗାଡିକୁ ମାଜିଷ୍ଟ୍ରେଟ ସମ୍ମୁଖରେ ଯାଞ୍ଚ କରିବା ପରେ ସେଥିରୁ ୬ କ୍ୱିଣ୍ଟାଲ ୧୫ କେଜି ୨୩୦ ଗ୍ରାମ ଗଞ୍ଜେଇ ଜବତ କରିଛି । NDPS କେଶ୍ ନମ୍ବର ୧୬୩ ୧-୭-୨୦୨୫ ୟୁ ଏସ ୨୦(ବି) (ସ ସ) ମ ରେ ମାମଲା ରୁଜୁ ହୋଇଛି ଓ ଏକ ଫେକ୍ ନମ୍ବର୍ ଥିବା ପିକ୍ ଅପ୍ ଗାଡ଼ି କୁ ପୋଲିସ ଜବତ କରିଥିବା ବିଷୟ ଆଜି ଏସପି ଶ୍ରୀ ନାରାୟଣ ନାୟକ ଏକ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି । ଜବତ ଗଞ୍ଜେଇ ର ମୂଲ୍ୟ ପ୍ରାୟ ୧ କୋଟି ରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ଏହି ଚଢ଼ଉରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇସି ଅନିତା କିଡୋ, ଏସ୍‌ଆଇ ରବୀନ୍ଦ୍ର ସାହୁ, ମାରୁତ ଚନ୍ଦ୍ର ପ୍ରଧାନ, ଏଏସ୍‌ଆଇ ଶୁଭେନ୍ଦୁ ସିଂ, ମେଣ୍ଡା ଫାଣ୍ଡି ଅଧିକାରୀ ଟଙ୍କଧର ଛତ୍ରିଆ, କନଷ୍ଟେବଳ କୈଳାସ ଭୋଇ, ଗୋପୀନାଥ ସାହୁ, ଓଏପିଏ ପରମାନନ୍ଦ ପଧାନ, ଜ୍ୟୋସ୍ନା ପ୍ରଧାନ, ପ୍ରଭାସିନୀ ପ୍ରଧାନ ଓ ହୋମଗାର୍ଡ ତରଣୀ ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ ।

ମରଣଯନ୍ତା ପାଲିଟିଛି ଭାଟିପଡ଼ା ରାସ୍ତା

ରେଙ୍ଗାଲି, ୨/୭(ଶ୍ରୁ.ମି.) : ଉଭୟ ସହର ଓ ଗ୍ରାମାଞ୍ଚଳରେ ଯାତାୟାତର ସୁବିଧା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସବୁ ଦିନିଆ ସ୍ଥାୟୀ ରାସ୍ତା ନିର୍ମାଣକୁ ଗୁରୁତ୍ୱ ଦେଇ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛନ୍ତି । ମାତ୍ର ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଓ ଦୁର୍ନୀତିଖୋର ମନୋଭାବ ଯୋଗୁଁ ସେଗୁଡ଼ିକ ଲୋକଙ୍କ ପାଖରେ ଠିକ୍ ଭାବରେ ପହଞ୍ଚି ପାରୁ ନଥିବା ଅଭିଯୋଗ ହେଉଛି ।

ଏହିଭଳି ଏକ ଅଭିଯୋଗ ଆସିଛି ରେଙ୍ଗାଲି ବ୍ଲକ୍ ମହକୁମା ସ୍ଥିତ ଭାଟିପଡ଼ା ରାସ୍ତାକୁ ନେଇ । ରେଙ୍ଗାଲି ସହର ବ୍ଲକ୍ର ସଦର ମହକୁମା ହୋଇଥିବାବେଳେ ଏଠାରେ ସବୁବେଳେ ରାସ୍ତା ଓ ପାଣିକୁ ନେଇ ସମସ୍ୟା ଜାରି ରହିଥିଲେ ହେଁ ପ୍ରଶାସନ କି ଜନପ୍ରତିନିଧି ଏ ଦିଗରେ ଆଦୌ ଦୃଷ୍ଟି ଦେଉ ନଥିବା ଅଞ୍ଚଳବାସୀ ସବୁବେଳେ ଅଭିଯୋଗ କରି ଆସୁଛନ୍ତି । ବିଡ଼ମ୍ବନାର ବିଷୟ ଏହି ରାସ୍ତା ର ମାତ୍ର ୫୦ ମିଟର ଦୂରରେ ରହିଛି ରେଙ୍ଗାଲି ବିଧାୟକଙ୍କ କାର୍ଯ୍ୟାଳୟ । ବର୍ତ୍ତମାନ ଲଗାଣ ବର୍ଷା ଯୋଗୁଁ ରେଙ୍ଗାଲି ଭାଟିପଡାକୁ ସଂଯୋଗ କରୁଥିବା ରାସ୍ତାଟି ମରଣଯନ୍ତା ପାଲଟିଛି । ଉକ୍ତ ରାସ୍ତାରେ ପ୍ରତି ଦିନ ସହ ସହ ଲୋକ ଯିବା ଆସିବା କରୁଛନ୍ତି କିନ୍ତୁ ରାସ୍ତା ମଝିରେ ବଡ ବଡ ଗାତ ସବୁ ସୃଷ୍ଟି ହୋଇ ସେଥିରେ ପାଣି ଭରି କାଦୁଅ ହୋଇ ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହେବା ସହ ପ୍ରାୟ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ଲୋକେ ଖଣ୍ଡିଆ ଖାବରା ହେଉଛନ୍ତି । ଏହି ରାସ୍ତା ଦେଇ ଛାତ୍ରଛାତ୍ରୀ ମାନେ ମଧ୍ୟ ସ୍କୁଲ୍ ଓ କଲେଜ ଆଦିକୁ ଯିବା ବେଳେ ଅସୁବିଧା ଭୋଗିବା ସହ ଅନେକ ସମୟରେ ଜମିଥିବା ପାଣିରେ ଭିଜି କାଦୁଅ ହୋଇ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ବ୍ଲକ୍ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ମରାମତି କିମ୍ବା ନୂଆ ରାସ୍ତା ନିର୍ମାଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ପଡ଼ାବାସୀ ଚେତାବନୀ ଦେଇଛନ୍ତି ।

ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପାଲଟିଛି ମରଣ ଜନ୍ତା, ରାସ୍ତା ମଝିରେ ଆଣ୍ଠୁଏ ଖାଲ

ଏରସମା, ୨/୭(ଶ୍ରୁ.ମି.) : ଏରସମା ବ୍ଲକ ଅଧୀନରେ ଥିବା ଜାନକାଦେଇପୁର୍ ପଞ୍ଚାୟତ ସାହାଡ଼ା ଗ୍ରାମରୁ ପାଳଧୁଆବନ୍ଧକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ରହିଥିବାବେଳେ, ରାସ୍ତାଟି ସମ୍ପୂର୍ଣ୍ଣ ସଂଯୋଗୀ କରଣ ହୋଇ ପାରିନାହିଁ । ଦୀର୍ଘଦିନ ହେବ ଜେ.ଜି.ପି ହାଇସ୍କୁଲ ସାହାଡ଼ା ନିକଟରେ ରାସ୍ତାଟି ଅଧାପାନ୍ତରିଆ ହୋଇ ପଡ଼ି ରହିଥିଲା । ଏବେ ବର୍ଷା ଯୋଗୁ ଉକ୍ତ ସ୍ଥାନରେ ପାଣି ଜମି ରହି ରାସ୍ତା ମଝିରେ ଆଣ୍ଠୁଏ ଗର୍ତ୍ତ ହୋଇଛି । ଯାହା ଫଳରେ ଉକ୍ତ ବିଦ୍ୟାଳୟରେ ପଢୁଥିବା ପିଲାମାନେ ବିଦ୍ୟାଳୟ ଯିବା ସମୟରେ ଏହି ସ୍ଥାନରେ ପଡ଼ି ଆହାତ ହେଉଛନ୍ତି । ବାଟୋଇ ମାନେ ନାନା ଯାତାୟାତରେ ଅସୁବିଧାରେ ସମ୍ମୁଖୀନ ହେବା ସହିତ ରାତିରେ ଯାଉଥିବା ବାଟୋଇ ଖାଲରେ ପଡ଼ି ଗୁରୁତର ହେଉଥିବା ନଜରକୁ ଆସିଛି । ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଦୀର୍ଘ ବର୍ଷ ଧରି ରାସ୍ତାର ଏହି ସ୍ଥାନଟି ଶୋଚନୀୟ ହୋଇ ପଡ଼ିଥିବାବେଳେ ଜନପ୍ରତିନିଧି କିମ୍ବା ବିଭାଗୀୟ ଅଧିକାରୀଙ୍କ ଏଥି ପ୍ରତି ଦୃଷ୍ଟି ପଡୁନାହିଁ । ତୁରନ୍ତ ଏହି ରାସ୍ତା କାର୍ଯ୍ୟ କରାନଗଲେ ଜନ ସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

ପୋଲ ତଳକୁ ଖସିଲା ଚାଉଳ ଭର୍ତ୍ତି ଟ୍ରକ

ବଣେଇଗଡ଼, ୨/୭(ଶ୍ରୁ.ମି.) : ଲହୁଣୀପଡା ଥାନା ଅନ୍ତର୍ଗତ ଗମଲେଇ ଗ୍ରାମରେ ଥିବା ଏକ ରାଇସ ମିଲରୁ ଚାଉଳ ନେଇ ଏକ ଟ୍ରକ ବରାହମୂଷା ଗ୍ରାମରେ ଥିବା ସରକାରୀ ଗୋଦାମକୁ ଯାଉଥିବାବେଳେ ବାଟରେ କେନ୍ଦ୍ରିକଳା ଗ୍ରାମ ପଞ୍ଚାୟତର ପାଣ୍ଡୁରୀଶିଳା ଗ୍ରାମ ପୋଲ ନିକଟରେ ଆପ୍ରଚ ରୋଡ଼ ଧସି ଯିବାରୁ ଟ୍ରକଟି ଓଲଟି ପୋଲକୁ ଖସି ଯାଇଥିଲା । ଫଳରେ ସେଥିରେ ଥିବା ଚାଉଳ ସବୁ ପାଣିରେ ପଡି ଯାଇଥିଲା । ପରେ ମାଲିକ ଅନ୍ୟ ଏକ ଟ୍ରକ ଡାକି ସେହି ସବୁ ଚାଉଳକୁ ସେଠାରୁ ନେଇଥିଲା ।

ଗ୍ରାମ ଅଞ୍ଚଳରେ ଚାପାକଳ ସ୍ଥାପନ ମାମଲା ଆର ଡବ୍ଲ୍ୟୁ ଏସ ଏସ ସଚିବଙ୍କୁ ସାକ୍ଷାତ କଲେ ବିଧାୟକ ଦୁର୍ଗା ତନ୍ତୀ

ରାଉରକେଲା, ୨/୭(ଶ୍ରୁ.ମି.) : ରଘୁନାଥପାଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ଥିବା ଲାଠିକଟା ବ୍ଲକ ଅନ୍ତର୍ଗତ ୭ଟି ଗ୍ରାମ ପଞ୍ଚାୟତ (ମୁଣ୍ଡାଜୋର, ରାମଜୋଡୀ, ବଲାଣି, ସୁଇଡିହି, ଜଲଦା, ହାତିବନ୍ଧା, ଲାଠିକଟା) ସମେତ ସାରନଗରୀ ତଥା ଏହାର ଆଖପାଖରେ ଗଢି ଉଠିଥିବା ଅନେକ ଛୋଟ ବଡ଼ ବସ୍ତି ଏବଂ ଇସ୍ପାତ ସହରାଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଗଢ଼ି ଉଠିଥିବା ବିଭିନ୍ନ ବସ୍ତି ବାଦୀନ୍ଦାଙ୍କୁ ବର୍ଷ ସାରା ସେମାନଙ୍କର ଆବଶ୍ୟକତା ଅନୁସାରେ ଜଳ ଯୋଗାଣ ନିମିତ୍ତ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ପ୍ରତ୍ୟେକ ବସ୍ତି, ସାହି ଓ ଗ୍ରାମରେ ଚାପାକଳ ସ୍ଥାପନ କରିବା ପାଇଁ ଆଜି ରଘୁନାଥପାଲ୍ଲୀ ବିଧାୟକ ଶ୍ରୀ ଦୁର୍ଗା ଚରଣ ତନ୍ତୀ ଭୁବନେଶ୍ୱର ଠାରେ ଆର ଡବ୍ଲ୍ୟୁ ଏସ ଏସର ସଚିବ ଶ୍ରୀ ବିନୀତ ଭାରଦ୍ୱାଜଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି ।

ସାପ କାମୁଡ଼ାରେ ଏକ ସପ୍ତାହରେ ୪ ଜଣଙ୍କର ମୃତ୍ୟୁ

ରାଉରକେଲା, ୨/୭(ଶ୍ରୁ.ମି.) : ବର୍ତ୍ତମାନ ବର୍ଷା ଦିନ ଆରମ୍ଭ ହୋଇଥିବାରୁ ସାପ ମାନଙ୍କର ପ୍ରାଦୁର୍ଭାବ ଅଧିକ ଦେଖାଦେଇଛି । ଫଳରେ ଗତ ଏକ ସପ୍ତାହରେ ରାଉରକେଲା ପୋଲିସ ଜିଲ୍ଲା ଅଞ୍ଚଳରେ ଥିବା ବିଭିନ୍ନ ଥାନା ଅଞ୍ଚଳରେ ୪ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ ବଣେଇଗଡ଼ ଥାନା ଅନ୍ତର୍ଗତ ନରେନ୍ଦ୍ର ବଦପଡା ଗ୍ରାମରେ ରହୁଥିବା ଅଜିତ ଓରାମ ନାମକ ଜଣେ ସାପ କାମୁଡ଼ାରେ ମୃତ୍ୟୁ ବରଣ କରିଥିବାବେଳେ କଟୁରିଧୂଆଁ ଗ୍ରାମରେ ମଧ୍ୟ ରଶ୍ମି ଓରାମ ନାମକ ଜଣେ ମୃତ୍ୟୁ ବରଣ କରିଥିଲେ । ସେହିପରି ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ଥିବା ବିରକେରା ଗ୍ରାମ ପଞ୍ଚାୟତର ସାଲିଆଟୋଲ୍ଲାରେ ରହୁଥିବା ଚଉଆ ଏକ୍କାଙ୍କୁ ଏକ ବିଷଧର ସାପ କାମୁଡି ଦେବାରୁ ତାଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଛି ଏବଂ କେ ବଲାଙ୍ଗ ଥାନା ଅଞ୍ଚଳରେ ମଧ୍ୟ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି ।

ମ୍ୟାଲେରିଆ ଓ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ

ଜଗତସିଂହପୁର, ୨/୦୭(ଶ୍ରୁ.ମି.) : ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ଗୃହରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଜେ ସୋନାଲଙ୍କ ଅଧକ୍ଷତାରେ ମ୍ୟାଲେରିଆ ଓ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ବ୍ଲକ , ଗ୍ରାମ ଓ ପୌରାଞ୍ଚଳରେ ମ୍ୟାଲେରିଆ ଓ ଡାଇରିଆ ପାଇଁ ବ୍ୟାପକ ଜନ ସଚେତନତା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ରାଜେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରାଥନା ପୂର୍ବରୁ ଜଳ ବାହିତ ରୋଗ ଓ ଭେକ୍ଟର ବାହିତ ରୋଗ ବିଷୟରେ ଆଲୋଚନା କରାଯିବ । ପ୍ରତି ଆଦିବାସୀ ଆବାସିକ ବିଦ୍ୟାଳୟରେ ଜୁଲାଇ ମାସରେ ମେଲେରିଆ ପାଇଁ ରକ୍ତ ପରୀକ୍ଷା କରାଯିବ ବୋଲି ସୂଚନା ଦେଇଥିଲେ । ଏତଦ୍ ବ୍ୟତୀତ ଆଶା ଓ ଅଙ୍ଗନବାଡି ଘରକୁ ଘର ବୁଲି ଓଆରଏସ ଓ ଜିଙ୍କ ବଣ୍ଟନ କରିବେ । ଡାଇରିଆ ଅଭିଯାନ ୧୬ ଜୁନ ରୁ ୩୧ ଜୁଲାଇ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସେ କହିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ଶତ୍ରୁଘ୍ନ ଦାସ, ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ା ସରୋଜ ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ)ଡ ବାସନ୍ତୀ ପାଲ, ଜିଲ୍ଲା କାର୍ଯକ୍ରମ ପରିଚାଳକ ସୋନାଲୀ ପ୍ରିୟଦର୍ଶିନୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଡି ପି ସି ମିଶନ ଶକ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ, ପୌର ପରିଷଦର କର୍ମକର୍ତ୍ତା, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଗ୍ରାମ୍ୟ ଓ ପରିମଳ ବିଭାଗ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ପ୍ରକାଶ ଥାଉ କି, ଜିଲ୍ଲାରେ ମୋଟ ୨୫୧୮୨୮ ଘର ବୁଲି ୧୧୦୩୨୧ (୫ ବର୍ଷରୁ କମ) ପିଲାଙ୍କୁ ଓଆରଏସ ଓ ଜିଙ୍କ ବଣ୍ଟନ କରିବେ । ଏହି ପରିପେକ୍ଷୀରେ ସର୍ବମୋଟ ୧୮୨ ଜଣ ପିଲା ଡାଇରିଆରେ ପୀଡିତ ଥିଲେ ବୋଲି ଘର ଭ୍ରମଣ ସମୟରେ ଚିହ୍ନଟ କରାଯାଇଛି । ଏହାଛଡା ସମସ୍ତ କୂଅ, ନଳକୂପ ବିଶୋଧନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ସର୍ବଶେଷରେ ମ୍ୟାଲେରିଆ ସର୍ବେକ୍ଷଣ କାର୍ଯ୍ୟ ପାଇଁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ପ୍ରଥମ), କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ଦ୍ୱିତୀୟ), ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ତୃତୀୟ) ଓ ପାରଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକଙ୍କୁ ପୁରସ୍କୃତ କରଯାଇଥିଲା । ଜୟପୁର(ରଘୁନାଥପୁର ବ୍ଲକ),ଉରାଳି(ମଣ୍ଡସାହି) ର ଆଶା କର୍ମୀ ମଧ ପୁରସ୍କୃତ ହୋଇଥିଲେ ।

ଖଣି ଅଞ୍ଚଳରେ ମାଟି ଅତଡା ଖସି ଜାତୀୟ ରାଜପଥ ଅବରୋଧ

କୋଇଡ଼ା, ୨/୭(ଶ୍ରୁ.ମି.) : ବିଗତ ଏକ ସପ୍ତାହ ଧରି ଲାଗିରହିଥିବା ପ୍ରବଳ ବର୍ଷା ଯୋଗୁଁ ଲହୁଣୀପଡା ରୁ କୋଇଡ଼ା ଦେଇ ଯାଇଥିବା ଜାତୀୟ ରାଜପଥ ନମ୍ବର-୫୨୦ ତୋଡା ନିକଟରେ ପାହାଡ଼ରୁ ମାଟି ଅତଡ଼ା ଖସି ରାସ୍ତା ଉପରେ ପଡିଥିଲା । ଫଳରେ ସେହି ମାର୍ଗ ଦେଇ ଯାତାୟତ ବାଧାପ୍ରାପ୍ତ ହୋଇଥିଲା ।

ଛତୁ ଗୋଟାଇବାକୁ ଯାଇ ଭାଲୁ ଆକ୍ରମଣର ଶିକାର ଯୁବକ

କୋଇଡ଼ା, ୨/୭(ଶ୍ରୁ.ମି.) : ରାଉରକେଲା ପୋଲିସ ଜିଲ୍ଲା ଅଞ୍ଚଳରେ ଥିବା ବଣେଇଗଡ଼ ଉପଖଣ୍ଡ ଅଧିନରେ ଥିବା କୋଇଡ଼ା ବ୍ଲକ ଅନ୍ତର୍ଗତ ବାରସୁଆଁ ବନାଞ୍ଚଳର ଡେଙ୍ଗୁଳା ସେକ୍ସନ ଅନ୍ତର୍ଗତ କୁଲା ଫରେଷ୍ଟ ବିଟ କ୍ଷେତ୍ରରେ ଆସୁଥିବା ବନ୍ଦଳ ଗ୍ରାମରେ ରହୁଥିବା ଭରତ ନାୟକ ନାମକ ଜଣେ ବ୍ୟକ୍ତି ଛତୁ ଗୋଟାଇବା ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ମାଛ ଧରିବା ହେଲା କାଳ

କୁଆଁରମୁଣ୍ଡା, ୨/୭(ଶ୍ରୁ.ମି.) : ସୁନ୍ଦରଗଡ଼ ପୋଲିସ ଜିଲ୍ଲା ଅଞ୍ଚଳରେ ଥିବା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ତେଲି ବସ୍ତିରେ ରହୁଥିବା ବିଜୟ ଟପ୍ପୋ ନାମକ ଜଣେ ଯୁବକ ବିରମିତ୍ରପୁର କୁ ଯାଇଥିବା ଟ୍ରେନ ଲାଇନ କଡ଼ରେ ବସି ଶଙ୍ଖ ନଦୀରୁ ମାଛ ଧରିଥିବାବେଳେ ହଠାତ ଏକ ମାଲଗାଡି ଆସିଯାଇଥିଲା । ଫଳରେ ବିଜୟ ନିଜକୁ ବଞ୍ଚାଇ ପାରିନଥିଲେ । ସେହି ମାଲଗାଡି ଧକ୍କାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।

ଆଖୁଆପଦା ଠାରେ ବୈତରଣୀ ନଦୀର ଜଳ ବିପଦ ସଂକେତ ତଳେ ପ୍ରବାହିତ

ଭଦ୍ରକ, ୨/୭(ଶ୍ରୁ.ମି.) : ଭଦ୍ରକ ଜିଲ୍ଲାରେ ପ୍ରବାହିତ ବୈତରଣୀ ନଦୀରେ ବନ୍ୟା ଆଶଙ୍କା ନାହିଁ ବୋଲି କହିଛନ୍ତି ଭଦ୍ରକ ଜିଲ୍ଲାପାଳ ଦିଲ୍ଲିପ ରାଉତରାଏ । ବୈତରଣୀ ନଦୀର ଆଖୁଆପଦା ଠାରେ ବିପଦ ସଂକେତ ୧୮.୩୩ ମିଟର ରହିଥିବା ବେଳେ ଆଜି ସନ୍ଧ୍ୟା ସୁଦ୍ଧା ଏହା ୧୭.୩୨ ମିଟର ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି କ୍ଷବୈତରଣୀ ନଦୀର ଉପରମୁଣ୍ଡ ଆନନ୍ଦପୁର ଠାରେ ଜଳ ସ୍ତର ହ୍ରାସ ପାଉଥିବା ଯୋଗୁ ଆଖୁଆପଦା ଠାରେ ବନ୍ୟା ଜଳ ବିପଦ ସଂକେତ ତଳେ ପ୍ରବାହିତ ହେଉଛି । ତେବେ ଆଖୁଆପଦା ଠାରେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ସତ୍ତ୍ୱେ ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଏବଂ ଧାମନଗର ବ୍ଲକରେ କୌଣସି ଏସକେଏଫ ଉପରେ ବନ୍ୟା ଜଳ ପ୍ରବାହିତ ହୋଇନାହିଁ । ସେହିଭଳି ଭଣ୍ଡାରିପୋଖରୀ ବ୍ଲକ ର ଗୁରତ୍ତ୍ୱପୂର୍ଣ କଂଟି ଘାଇ ରେ ମଧ ବନ୍ୟା ଜଳ ପ୍ରବେଶ କରିନାହିଁ । ଅନ୍ୟପକ୍ଷରେ ବର୍ତ୍ତମାନ ସ୍ଥିତିରେ ଭଦ୍ରକ ଜିଲ୍ଲାରେ କୌଣସି ବଡ଼ ବନ୍ୟା ଆଶଙ୍କା ନଥିବା ଜିଲ୍ଲାପାଳ କହିଛନ୍ତି । ଜିଲ୍ଲାପାଳ କହିଛନ୍ତି ଯେ ଆଖୁଆପଦା ଠାରେ ଜଳସ୍ତର ୧୯ ମିଟର ଅତିକ୍ରମ କଲେ ସ୍ଥିତି ଚିନ୍ତାଜନକ ହୋଇପାରେ । ତେବେ ଆଖୁଆପଦା ଠାରେ ବନ୍ୟା ପରିସ୍ଥିତି ଅନୁଧ୍ୟାନ ପାଇଁ ପହଁଚିଛନ୍ତି ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ । ସେ କହିଛନ୍ତି ଯେ ଗତକାଲି ଆନନ୍ଦପୁର ବ୍ୟାରେଜ ପାଣି ଛାଡୁଥିବା ଖବର ପାଇ ଆମେ ଭୟଭୀତ ହୋଇଥିଲୁ । କାରଣ ଆଖୁଆପଦା ଠାରେ ବୈତରଣୀ ଜଳସ୍ତର ବୃଦ୍ଧି ପାଇଲେ ଭଣ୍ଡାରିପୋଖରୀ ବ୍ଲକର ସୋଳମପୁର,ବାଲିପୋଖରୀ, ବନ୍ଧାଳ, କୁରିଗାଁ ଏବଂ ଝୁଟୁଣା ପ୍ରଭୃତି ପଂଚାୟତ ସହିତ କଂଟି ଏସକେଏଫ ପ୍ରଭାବିତ ହେବାର ଆଶଙ୍କା ଉପୁଜିଥିଲା । ତେଣୁ ଏନେଇ ଜିଲ୍ଲାପାଳ ଏବଂ ବିଡ଼ିଓ ଙ୍କ ସହ କଥା ମଧ ହୋଇଥିଲା । ଆବଶ୍ୟକ ସ୍ଥଳେ ସାହାଯ୍ୟ ଏବଂ ଉଦ୍ଧାର ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ଥିବା ଜିଲ୍ଲାପାଳ କହିଥିଲେ । ତେବେ ଏବେ ଜଳସ୍ତର ସ୍ଥିର ରହିଛି ଆଗକୁ ପାଣି ମଧ କମିବା ସମ୍ଭାବନା ରହିଛି । ତେଣୁ ଏନେଇ ଆତଙ୍କିତ ହେବାର ଆବଶ୍ୟକତା ନାହିଁ ବୋଲି ବିଧାୟକ ଶ୍ରୀ ମଲ୍ଲିକ କହିଛନ୍ତି ।

ବିଦ୍ୟୁତ ଆଘାତରେ ଗାଈର ମୃତ୍ୟୁ

ବନ୍ଧମୁଣ୍ଡା, ୨/୭(ଶ୍ରୁ.ମି.) : ରାଉରକେଲା ପୋଲିସ ଜିଲ୍ଲା ଅଞ୍ଚଳରେ ଥିବା ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ରେଲୱେ କଲୋନୀ ଅଞ୍ଚଳରେ ରାସ୍ତାରେ ଘାଷ ଖାଉଥିବାବେଳେ ଏକ ବିଦ୍ୟୁତ ଖୁଣ୍ଟର ଆର୍ଥିଙ୍ଗ ତାର ସଂସ୍ପର୍ଶରେ ଆସି ଉକ୍ତ ଗାଇଟିର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି ।

ସୋନପୁର କଲେଜର ୬୨ତମ ପ୍ରତିଷ୍ଠା ଦିବସରେ ପୂରାତନ ଛାତ୍ର ସଂଘ ପକ୍ଷରୁ ରକ୍ତ ଦାନ ଶିବିର ଅନୁଷ୍ଠିତ

ସୁବର୍ଣ୍ଣପୁର, ୦୨/୦୭(ଶ୍ରୁ.ମି.) : ଆଜି ସୋନପୁର କଲେଜର ୬୨ ତମ ପ୍ରତିଷ୍ଠା ଦିବସ ଅବସରରେ ପୂରାତନ ଛାତ୍ର ସଂଘ ପକ୍ଷରୁ ସୋନପୁର କଲେଜ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସୋନପୁର ଏସପି ନାରାୟଣ ନାୟକ ଓ କଲେଜ ଅଧକ୍ଷ ରାଜୀବ ଲୋଚନ ଆର୍ଯ୍ୟ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିବା ବେଳେ ପୂରାତନ ଛାତ୍ର ସଂଘର ସଭାପତି ଡ.ପ୍ରଫୁଲ୍ଲ କୁମାର ରଥ, ସଂପାଦକ ଭାରତ ଭୁଷଣ ଦାଶ, ଉପଦେଷ୍ଟା ସିତାଂଶୁ ଶେଖର ମିଶ୍ର ରକ୍ତ ଦାନ କରିବା ପାଇଁ ନୂତନ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ପୂରାତନ ଛାତ୍ର ସଙ୍ଘର ଉପ ସଭାପତି ଗତିକୃଷ୍ଣ ମିଶ୍ର, ସହ ସମ୍ପାଦକ ବିଶ୍ୱବିର ମିଶ୍ର, କୋଷାଧକ୍ଷ ବିଶ୍ୱ ରଞ୍ଜନ ପୂଝାରୀ ଏବଂ ପ୍ଲାବନ ମହାପାତ୍ର, ସ୍ୱରୂପ ପାତ୍ର, ଶାଶ୍ୱତ ମିଶ୍ର, ଶୁଭମ ମିଶ୍ର, ଗୋପାଳ ବାରଇ, ଅଭିଷେକ ଶର୍ମା, ଦୀପକ ମହାପାତ୍ର, ଦେବାଶିଷ ପଟ୍ଟନାୟକ, ଜ୍ୟୋର୍ତିମୟ ମିଶ୍ର ପ୍ରମୁଖଙ୍କ ସହ ସମସ୍ତ କାର୍ଯ୍ୟକର୍ତ୍ତା ଓ ଜିଲ୍ଲା ରକ୍ତଦାତା ସେବା ସଂଘ ସଭାପତି ମନୋଜ ପଣ୍ଡା, ସହଯୋଗ କରିଥିଲେ । ଜିଲ୍ଲା ବାର ଆସୋସିଏସନ୍, ବୁଢ଼ାରଜା ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ସାମ୍ବାଦିକ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲାବେଳେ ଜିଲ୍ଲା ରକ୍ତ କେନ୍ଦ୍ରର ଡ଼ା. ଚିତ୍ତ ରଞ୍ଜନ ତ୍ରିପାଠୀ, କାଉନସିଲର ଜଗତ ଦାରୁଅନ୍, ଲେ ଟେକ୍ନିଶିଆନ ସତ୍ୟବ୍ରତ ତାଣ୍ଡି, ଯୁଧିଷ୍ଠିର ନାଏକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

ବଜ୍ରପାତରୁ ରକ୍ଷା ପାଇବା ଏବଂ ସାପ କାମୁଡା ସମ୍ବନ୍ଧିତ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର, ୨/୭(ଶ୍ରୁ.ମି.) : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ସଦଭାବନା ସଭା ଗୃହରେ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ବ୍ରଜପାତରୁ ରକ୍ଷା ପାଇବା ନିମେନ୍ତେ ଓ ସାପ କାମୁଡାମୃତକୁ ପ୍ରସମିତ କରିବା ପାଇଁ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆଶା, ଅଙ୍ଗନବାଡି, ସ.ଏଚ .ଜି, ଏ.ନ୍.ମ ସଭ୍ୟମାନଙ୍କର ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ମିସ ଅନିଶା ଦାସ ସଭାପତିତ୍ୱ କରିବା ସହ ବିଭିନ୍ନ ବିପର୍ଯ୍ୟୟ ପରିଚାଳନ ପାଇଁ ମଗାଦର୍ଶନ ଦେଇଥିଲେ । କେନ୍ଦ୍ରସରକାରଙ୍କ ୧୨ଟି ବିପର୍ଯ୍ୟୟ ଘଟଣା ଏବଂ ରାଜ୍ୟସରକାରଙ୍କ ୮ଟି ବିପର୍ଯ୍ୟୟ ଘଟଣା ଉପରେ ଆଲୋକପାତ କରାଯାଇଥିଲା ବିଭିନ୍ନ ପ୍ରକାର ବିପର୍ଯ୍ୟୟରୁ ରକ୍ଷା ପାଇବା ନିମନ୍ତେ ଜ଼ିଲ୍ଲା ପ୍ରକଳ୍ପ ଅଧିକାରୀ ସୁଧାଂଶୁ ଶେଖର ପୃଷ୍ଟି ସୂଚନା ପ୍ରଦାନ କରିଥିଲେ ଏବଂ ଡ଼କ୍ଟର ବାସନ୍ତୀ ପାଲ ଓ ସ୍ମିତିରଞ୍ଜନ ପଣ୍ଡା ସାପ କାମୁଡାରୁ ରକ୍ଷା ପାଇବା ପାଇଁ ସବିଶେଷ ତଥ୍ୟ ପି ପି ଟି ମାଧ୍ୟମରେ ଅବଗତ କରାଇଥିଲେ ।

ବିଧାୟକଙ୍କ ଦ୍ୱାରା ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ଟ୍ରାଇସାଇକେଲ ବଣ୍ଟନ

ଭଞ୍ଜନଗର, ୨/୭(ଶ୍ରୁ.ମି.) : ଗଞ୍ଜାମ ଜିଲ୍ଲାର ଜଗନ୍ନାଥ ପ୍ରସାଦ ବ୍ଲକ ପରିସରରେ ଆଜି ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ଼ ମାର୍କେଟିଙ୍ଗ ଡିଭିଜନ ଭୁବନେଶ୍ୱର ଆନୁକୂଲ୍ୟରେ ୨୦ ଜଣ ଚଳନ ବାଧିତ ଦିବ୍ୟାଙ୍ଗ ମାନଙ୍କୁ ମାଗଣା ବ୍ୟାଟେରି ଚାଳିତ ଟ୍ରାଇ ସାଇକେଲ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ମୁଖ୍ୟ ବକ୍ତା ମହେନ୍ଦ୍ର କୁମାର ପଣ୍ଡା, ସମ୍ମାନୀତ ଅତିଥି ଡେପୁଟି ଜେନେରାଲ ମେନେଜର (IOCL) ପି.କେ ପଣ୍ଡା, ସମ୍ମାନିତ ଅତିଥି ଭାବେ ଆର୍ଟିଫିସିଆଲ ମେନିଫେକ୍‌ଚର କର୍ପୋରେସନ ଲିମିଟେଡ଼ (ALIMCO) ସିନିୟର ମେନେଜର ଏ.ଭି ଅଶୋକ କୁମାର, ବ୍ଲକ ସହକାରୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ ମଞ୍ଚାସିନ ରହିଥିଲେ । ମଞ୍ଚାସିନ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ପୁଷ୍ପ ଗୁଛ ଦେଇ ସ୍ୱାଗତ କରାଯାଇ ଥିଲା । ଅତିଥିମାନେ ବ୍ୟାଟେରୀ ଚାଳିତ ସାଇକେଲର ବ୍ୟବହାର ଓ ହେଲମେଟ ବ୍ୟବହାର ପାଇଁ ଦିବ୍ୟାଙ୍ଗଙ୍କୁ ଭାଷଣରେ ବୁଝାଇଥିଲେ । ଜଗନ୍ନାଥ ପ୍ରସାଦ ବ୍ଲକରେ ୧୫ ଗୋଟି ଓ ବେଲଗୁଣ୍ଠା ବ୍ଲକର ୫ ଗୋଟି ସମେତ ମୋଟ ୨୦ ଗୋଟି ଦିବ୍ୟାଙ୍ଗ ମାନଙ୍କ ପାଖକୁ ଯାଇ ନାମ ଠିକଣା ପଚାରିବା ବୁଝିବା ସହ ବିଧାୟକ ସମସ୍ତଙ୍କୁ ଉତ୍ସାହିତ କରି ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ଲକ ଜିପିଇଓ ମାଥୁରାମ ନାୟକ, ସାମାଜିକ ସୁରକ୍ଷା ଅଧିକାରିଣୀ ମିତାଲି ପ୍ରିୟଦର୍ଶିନୀ, ବ୍ଲକ ସାମ୍ପ୍ରସାରଣ ଅଧିକାରୀ ମୋନାଲି ମହାନ୍ତିଙ୍କ ସମେତ ସମସ୍ତ କର୍ମଚାରୀ ଓ ବିଜେପି ସମର୍ଥକ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମକୁ ରାମନାଥ ଶିଖର ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ଯନ୍ତ୍ରୀ ଶ୍ରୀ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଧନ୍ୟବାଦ ଅର୍ପଣ କରିଥିଲେ ।